କର୍ଣ୍ଣାଟକ ରାଜ୍ୟ

ବନାମ

ମଲ୍ଲୀନାଥ ଏବଂ ଅନ୍ୟମାନେ

ଅକ୍ଟୋବର 30,1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ 1894 (1984 ର ଜମି ଅଧିଗ୍ରହଣ (ସଂଶୋଧନ) ଅଧିନିୟମ 68 ଦ୍ୱାରା ସଂଶୋଧିତ):*

*ଧାରା 23 (ଏଲଏ) ଅତିରିକ୍ତ ଲାଭ-- ନିର୍ଣ୍ଣୟ ହୋଇଛି, 1984 ର ସଂଶୋଧନ ଅଧିନିୟମ 68 ପୂର୍ବରୁ ପ୍ରଦାନ କରାଯାଇଥିବା ଅଧିନିର୍ଣ୍ଣୟ ପାଇଁ ପ୍ରଯୁଜ୍ୟ ନୁହେଁ।*

**ଜମି ଅଧିଗ୍ରହଣ ଅଧିନିୟମର ଧାରା 23 (1-A) ର ପ୍ରଯୋଜ୍ୟତା ପ୍ରଶ୍ନ ଉପରେ, ରାଜ୍ୟ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଆଂଶିକ ଭାବରେ ଅନୁମତି ଦେଇ, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: ଯେହେତୁ ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ, 1984ର ସଂଶୋଧନ ଅଧିନିୟମ, 68ର ବହୁ ପୂର୍ବରୁ ପ୍ରଦାନ କରାଯାଇଥିଲା, ତେଣୁ ଜମି ଅଧିଗ୍ରହଣ, 1894ର ଧାରା 23 (1A) ଅନୁଯାୟୀ ଦାବିଦାରମାନେ ଅତିରିକ୍ତ ରାଶି ପାଇବାକୁ ହକଦାର ନୁହନ୍ତି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 9900-9904/1995

11.7.86 ତାରିଖରେ, କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଏମ୍. ଏଫ୍. ଏ. ସଂଖ୍ୟା 810, 1173, 1174, 1223 ଏବଂ 1224/1986 ରେ ପ୍ରଦାନ କରାଜିଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଏମ୍. ବୀରାପ୍ପା ଏବଂ କେ. ଏଚ୍. ନୋବିନ୍ ସିଂହ ଆବେଦନକାରୀ ପାଇଁ ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଶ୍ରୀ ବୀରାପ୍ପାଙ୍କ କିରାଣୀ ମାଡ୍ଡୁ ଲାଲ କଶ୍ୟପଙ୍କ ଦ୍ୱାରା ଆଗତ ହୋଇଥିବା ସତ୍ୟପାଠରେ କୁହାଯାଇଛି ଯେ ବିଜାପୁରର ସହକାରୀ ଆୟୁକ୍ତଙ୍କ ନିର୍ଦ୍ଦେଶରେ, ସୋମବଭା ପାଟିଲ, ଏଠାରେ ଦ୍ୱିତୀୟ ଉତ୍ତରଦାତା, ତାଙ୍କ ପୁଅ ମଲ୍ଲିନାଥଙ୍କୁ ତାଙ୍କ ଆଇନଗତ ପ୍ରତିନିଧି ଭାବରେ ଛାଡିଯାଇଛନ୍ତି, ଯିଏକି ଏସଏଲପି (ସି) ସଂଖ୍ୟା 14220/86 ରେ ତାଙ୍କ ଆଇନଗତ ପ୍ରତିନିଧି ଭାବେ ଉତ୍ତରଦାତା ସଂଖ୍ୟା 1 ଅଟନ୍ତି ଏବଂ ଯେହେତୁ ମଲ୍ଲିନାଥ ପୂର୍ବରୁ ନଥିରେ ଅଛନ୍ତି, ତେଣୁ ତାଙ୍କୁ ଆଇନଗତ ପ୍ରତିନିଧି ହିସାବରେ ପୃଥକ ଭାବରେ ନଥିକୁ ଆଣିବାର କୌଣସି ଆବଶ୍ୟକତା ନାହିଁ ।ତାଙ୍କୁ ଆଇନଗତ ପ୍ରତିନିଧି ଭାବେ ପ୍ରତିସ୍ଥାପନ କରାଯାଇଛି । ଯେହେତୁ ସେ ପୂର୍ବରୁ ତାଙ୍କ ମୃତ ମାଆ ସୋମବଭା ପାଟିଲଙ୍କ ସମ୍ପତ୍ତିକୁ ପ୍ରତିନିଧିତ୍ୱ କରୁଛନ୍ତି, ସେହି ଅନୁଯାୟୀ ଏହାକୁ ନଥିଭୁକ୍ତ କରାଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଏହି ବିବାଦ ଜମି ଅଧିଗ୍ରହଣ ଅଧିନିୟମ 23 (1-A) (ସଂକ୍ଷେପରେ, 'ଅଧିନିୟମ') ର ପ୍ରୟୋଗ ଉପରେ ନିର୍ଭର କରେ ଯାହା 1984 ର ଅଧିନିୟମ 68 ଦ୍ଵାରା ସଂଶୋଧିତ ହୋଇଛି । ଯେହେତୁ ଜିଲ୍ଲାପାଳଙ୍କ ଅଧିନିର୍ଣ୍ଣୟ ସଂଶୋଧନ ଆଇନର ବହୁ ପୂର୍ବରୁ ଦିଆଯାଇଥିଲା, ତେଣୁ ଦାବିଦାରମାନେ ଅଧିନିୟମ 23 (1A) ଅନୁଯାୟୀ ଅତିରିକ୍ତ ରାଶି ପାଇବାକୁ ହକଦାର ନୁହଁନ୍ତି ।

ଉପରୋକ୍ତ ସୀମା ପର୍ଯ୍ୟନ୍ତ ଆବେଦନଗୁଡ଼ିକୁ ଅନୁମତି ଦିଆଗଲା ଏବଂ ଉଚ୍ଚ ନ୍ୟାୟାଳୟ ଏବଂ ଅପିଲିୟ ଅଦାଲତଙ୍କ ଆଦେଶଗୁଡ଼ିକୁ ସେହି ସୀମା ପର୍ଯ୍ୟନ୍ତ ଅଗ୍ରାହ୍ୟ କରାଗଲା । ଅନ୍ୟ ଦୃଷ୍ଟିରୁ, ଏହି ଅଧିନିର୍ଣ୍ଣୟକୁ ନିଶ୍ଚିତ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଆର୍. ପି. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ଵୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।